**ଶର୍ଟ ସର୍କିଟରେ ମହିଳା ମୃତ**

# ସାମୂହିକ ସମ୍ପତ୍ତି ପରିଚାଳନାର ଉତ୍କୃଷ୍ଟ ଉଦାହରଣ ତ୍ରିବେଣୀ ଜଳ ବିଭାଜିକା

ଭୁବନେଶ୍ୱର,୬।୧୨(ଜୟ ନାରାୟଣ ନେଷୁଲି)

ଆନ୍ତର୍ଜାତିକ ସେମିନାର କମ୍ୟୁନିଟି କନଫରେନ୍ସ ଅଫ କମନ୍ସର ତୃତୀୟ ଦିବସରେ ଶୁକ୍ରବାର ସୁନ୍ଦରଗଡ଼ ଜିଲା କୋଏଡ଼ା ବ୍ଲକ ଅନ୍ତର୍ଗତ ସାହେବଡେରା ତ୍ରିବେଣୀ ଜଳ ବିଭାଜିକାର ସୁପରିଚାଳନାର ସଫଳ କାହାଣୀ ଉପସ୍ଥାପନା କରାଯାଇଥିଲା। ସାମୂହିକ ସମ୍ପତ୍ତି ପରିଚାଳନା ଏବଂ ଜୀବନ ଜୀବିକାର ମାନକୁ ଜଳବିଭାଜିକାର ସୁପରିଚାଳନା ମାଧ୍ୟମରେ କପରି ଉନ୍ନତ କରିପାରିଛନ୍ତି ତାହା ସାହେବଡେରା ଗ୍ରାମବାସୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଏହି ସେମିନାରରେ ସେବକ ରଶ୍ମିତାଶ୍ରୀର କର୍ମକର୍ତ୍ତାଙ୍କ ସହିତ ସାହେବଡେରା ଗ୍ରାମର ୨୦ ଜଣ ମହିଳା ଏବଂ ପୁରୁଷ ଯୋଗଦେଇ ନିଜ ନିଜର ଅଭିଜ୍ଞତା ପ୍ରଦାନ କରିଥିଲେ। ତ୍ରିବେଣୀ ଜଳ ବିଭାଜିକା, ସାହେବଡେରା ତରଫରୁ ମୁକ୍ତେଶ୍ୱର ଲୁହା ଓ ପାରଭିନା ଲାକ୍ରା ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନା କରିଥିଲେ। ତାଙ୍କର ଉପସ୍ଥାପନାରେ ଗ୍ରାମର ସମସ୍ୟା ଏବଂ ସମାଧାନ ପାଇଁ ସାମୂହିକ ପଦକ୍ଷେପ, ମହିଳା ସଶକ୍ତିକରଣ ପାଇଁ ଯୋଜନା, ସାମୂହିକ ସହଭାଗିତା ଦ୍ୱାରା ଗାଁରେ ଆସିଥିବା ପରିବର୍ତ୍ତନ ଏବଂ ବର୍ତ୍ତମାନ ଗାଁର ଉନ୍ନତ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଗତ ୨୦୧୪-୧୫ ଆର୍ଥିକ ବର୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ନାବାର୍ଡ -ଭୁବନେଶ୍ୱର ସହାୟତାରେ ଜଳବିଭାଜିକା ପ୍ରକଳ୍ପ ଆରମ୍ଭ ହୋଇଥିଲା। ପ୍ରାୟତଃ ୮୪୮.୩୮ ହେକ୍ଟର ଜମିରେ ବିଭିନ୍ନ ପ୍ରକାର କାର୍ଯ୍ୟ କରାଯାଇଥିଲା। ଶ୍ରମଦାନ ମାଧ୍ୟମରେ ମହିଳା ଏବଂ ପୁରୁଷମାନେ ୪ ଦିନ ନିରନ୍ତର କାମକରି ତତ୍କାଳୀନ ଜିଲାପାଳଙ୍କ ପ୍ରଶଂସାର ପାତ୍ର ହୋଇପାରିଥିଲେ। ଆଜି ଗ୍ରାମରେ ପୂର୍ବ ସମସ୍ୟା ଗୁଡିକର ସମାଧାନ ହୋଇପାରିଛି। ଗୋଟିଏ ଫସଲ ସ୍ଥାନରେ



ତ୍ରିବେଣୀ ଜଳ ବିଭାଜିକା ପ୍ରକଳ୍ପ।

ଦିଫସଲି ଚାଷ କରାଯାଇପାରୁଛି। ଜଳସେଚନ ସମସ୍ୟାର ସମାଧାନ କରି ଧାନ ଚାଷ ପରେ ରାଶି ଜାତୀୟ, ତୈଳବୀଜ ଏବଂ ବିଭିନ୍ନ ପନିପରିବା ଚାଷ ଗାଁର ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିଛି। ସାହେବଡେରା ଗାଁର ଏକତା, ସହଭାଗୀତା ଏବଂ ଜିଦ୍ଖୋରି ଦେଖେଇବାର ଇଚ୍ଛାଶକ୍ତି ଯୋଗୁ ଗାଁରେ ଅଦ୍ଭୁତ ପୂର୍ବ ପରିବର୍ତ୍ତନ ହୋଇପାରିଛି। ଏହି ଅଭିଜ୍ଞତାକୁ ଗ୍ରାମବାସୀମାନେ ଆନ୍ତର୍ଜାତୀୟ ସେମିନାର ଭଳି କାର୍ଯ୍ୟକ୍ରମରେ ଉପସ୍ଥାପନ କରିପାରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ସେବକର ଜଳ ବିଭାଜିକା ଯନ୍ତ୍ରୀ ଅଭିଷେକ ତନ୍ତୀ, ସୁଶ୍ରୀ ବର୍ଷା ସାହୁ,( ଜିଲା ସଂଯୋଜିକା) ପରିଚାଳନା କରିଥିଲେ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଗ୍ରାମବାସୀଙ୍କ ଏହି ଅକ୍ଲାନ୍ତ ପରିଶ୍ରମ ପାଇଁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ। ଗ୍ରାମବାସୀ ତରଫରୁ ରଞ୍ଜିତ କୁଜୁର, ମଧୁସୂଦନ ମାଝୀ, ବୋଦ୍ଦମଣି ଅମାତ, କମଳା ଲକ୍ରା, ତେଜ ଲୁହୁରିଆ ଓ ଅନ୍ୟାନ୍ୟ ୨୦ ଜଣ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଜାତୀୟ ସ୍ତରର ସଂସ୍ଥା ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତିକ ସେମିନାର କମ୍ୟୁନିଟି କନଫରେନ୍ସ ଅଫ କମନ୍ସରେ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସହ ବାଂଲାଦେଶ, ମାଲେସିଆ, ସ୍ପେନ, କାଜାକିସ୍ତାନର ବିଭିନ୍ନ ସଙ୍ଗଠନ ଓ ସମୁଦାୟର ଲୋକେ ଅଂଶଗ୍ରହଣ କରିଥିଲେ।